бҳ¬бӯҖ. бҳЎбӯҖ. бҳңбҳ§бӯҚбҳ¬бҳ°

бҳ¬бҳЁбӯҚбҳ®

бӯҮбҳ•. бҳЎбӯҖ. бҳӯбҳ—бҳЈбӯҚбӯұбҳҫбҳЁ бҳҸбҳ¬бҳӮ бҳ…бҳЁбӯҚбҳҜбҳ®бҳҫбӯҮбҳЁ

1, бӯҮбҳёбӯҮбҳӘбӯҚбҳҹбҳ®бӯҚбҳ¬бҳ° 1995

[бӯҮбҳ•. бҳ°бҳҫбҳ®бҳҫбҳёбӯҚбҳ¬бҳҫбҳ®бӯҖ бҳҸбҳ¬бҳӮ бҳ¬бӯҖ.бҳҸбҳІ. бҳ№бҳӮбҳёбҳҫбҳ°бҳҝбҳҜбҳјбҳҫ, бҳЁбӯҚбҳҜбҳҫбҳҜбҳ®бӯҒбҳ°бӯҚбҳӨбӯҚбҳ¬бҳҜбҳј ]

*бӯҮбҳёбҳ¬бҳҫ бҳҶбҳҮбҳЁ:*

*бҳ…бҳ§бӯҚбҳҜбҳҫбҳӘбҳ• бҳӯбҳҫбҳ¬бӯҮ бҳ•бҳҫбҳ®бҳҡбҳІбҳҫ бҳЁбҳҝбҳҜбӯҒбҳ•бӯҚбҳӨбҳҝ- бҳЁбҳҝбҳҜбӯҒбҳ•бӯҚбҳӨбҳҝ бҳңбҳҫбҳ°бҳҝ бҳ°бҳ–бҳҝбҳ¬бҳҫ бҳІбҳҫбҳ—бҳҝ бҳ®бҳ№бҳҫбҳ¬бҳҝбҳҰбӯҚбҳҜбҳҫбҳІбҳҜбҳј бҳЁбҳҝбҳ•бҳҹбҳ°бӯҮбҳ° бҳҶбҳ¬бҳ¶бӯҚбҳҜбҳ• бҳёбҳӮбҳ–бӯҚбҳҜбҳ• бҳӣбҳҫбҳӨбӯҚбҳ°бҳӣбҳҫбҳӨбӯҚбҳ°бӯҖ бҳЁбҳҘбҳҝбӯҮбҳІ- бҳ«бҳібҳёбӯҚбҳ¬бҳ°бӯӮбҳӘ бҳ…бҳЁбӯҚбҳҜ бҳ®бҳ№бҳҫбҳ¬бҳҝбҳҰбӯҚбҳҜбҳҫбҳІбҳҜбҳјбҳ•бӯҒ бҳёбӯҚбҳҘбҳҫбҳЁбҳҫбҳЁбӯҚбҳӨбҳ°- бҳ•бҳҫбҳ°бӯҚбҳҜбҳӯбӯҚбҳҜбӯҮбҳ° бӯҹбӯӢбҳ—бҳҰбӯҮбҳ¬бҳҫ бҳӘбҳ°бҳҝбҳ¬бҳ°бӯҚбҳӨбӯҚбӯҮбҳӨ бҳЁбҳҝбҳҜбҳјбҳ®бҳҝбҳӨ бҳЁбҳҝбҳҜбӯҒбҳ•бӯҚбҳӨбҳҝ бҳӘбҳҫбҳҮбҳҒ бҳ…бҳёбӯҚбҳҘбҳҫбҳҜбҳјбӯҖ бҳ•бҳ°бӯҚбҳ®бҳҡбҳҫбҳ°бӯҖбҳҷбӯҚбҳ• бҳ…бҳЁбӯҒбҳ°бӯӢбҳ§- бҳҸбҳ№бҳҝбҳӘбҳ°бҳҝ бҳ…бҳЁбӯҒбҳ°бӯӢбҳ§бҳ•бӯҒ бҳӘбӯҚбҳ°бҳӨбӯҚбҳҜбҳҫбҳ–бӯҚбҳҜбҳҫбҳЁ бҳ•бҳ°бҳҝбҳ¬бҳҫ- бҳЁбӯҚбҳҜбҳҫбҳҜбҳҫбҳ§бҳҝбҳ•бҳ°бҳЈбҳҷбӯҚбҳ• бҳЁбҳҝбҳ•бҳҹбҳ°бӯҒ бҳЁбҳҝбҳҜбҳјбҳ®бҳҝбҳӨ бҳЁбҳҝбҳҜбӯҒбҳ•бӯҚбҳӨбҳҝ бҳӘбҳҫбҳҮбҳҒ бҳҶбӯҮбҳҰбҳ¶ бҳӘбӯҚбҳ°бҳҫбҳӘбӯҚбҳӨ бҳ•бҳ°бҳҝбҳ¬бҳҫ- бҳҸбҳ№бҳҝ бҳёбҳ®бҳҜбҳјбҳ°бӯҮбҳ° бҳ®бҳ№бҳҫбҳ¬бҳҝбҳҰбӯҚбҳҜбҳҫбҳІбҳҜбҳј бҳЁбҳҝбҳҜбҳјбҳ®бҳҝбҳӨ бҳЁбҳҝбҳҜбӯҒбҳ•бӯҚбҳӨбҳҝ бҳ•бҳ°бҳҝбҳ¬бҳҫ- бҳ«бҳібҳёбӯҚбҳ¬бҳ°бӯӮбҳӘ бҳ®бҳ№бҳҫбҳ¬бҳҝбҳҰбӯҚбҳҜбҳҫбҳІбҳҜбҳј бҳ•бҳҫбҳ®бҳҡбҳІбҳҫ бҳЁбҳҝбҳҜбӯҒбҳ•бӯҚбҳӨбҳҝ бҳӘбҳҫбҳҮбҳҘбҳҝбҳ¬бҳҫ бҳ¬бӯҚбҳҜбҳ•бӯҚбҳӨбҳҝбҳҷбӯҚбҳ•бӯҒ бҳ•бҳҫбҳ°бӯҚбҳҜбҳӯбӯҚбҳҜбӯҮбҳ° бӯҮбҳЁбҳ¬бҳҫ бҳёбӯҚбҳҘбҳҝбҳӨбҳҝбӯҮбҳ° бҳЁбҳҘбҳҝбӯҮбҳІ- бҳЁбҳҝбҳ°бӯҚбҳЈбӯҚбҳЈбҳҝбҳӨ бӯҮбҳ№бҳҫбҳҮбҳҘбҳҝбҳІбҳҫ бӯҮбҳң бҳҸбҳӯбҳібҳҝ бҳӘбҳ°бҳҝбҳёбӯҚбҳҘбҳҝбҳӨбҳҝбӯҮбҳ° бҳ•бҳҫбҳ®бҳҡбҳІбҳҫ бҳ•бҳ°бӯҚбҳ®бҳҡбҳҫбҳ°бӯҖбҳҷбӯҚбҳ• бҳЁбҳҝбҳҜбӯҒбҳ•бӯҚбҳӨбҳҝ бҳӘбҳҫбҳҮбҳҒ бӯҮбҳ•бӯҢбҳЈбҳёбҳҝ бҳЁбҳҝбҳ°бӯҚбӯҮбҳҰбҳ¶ бҳңбҳҫбҳ°бҳҝ бҳ•бҳ°бҳҫбҳҜбҳҫбҳҮбҳӘбҳҫбҳ°бҳҝбҳ¬ бҳЁбҳҫбҳ№бҳҝбҳҒ ред*

**бҳҶбӯҮбҳ¬бӯҮбҳҰбҳЁбҳ•бҳҫбҳ°бӯҖбҳҷбӯҚбҳ•бӯҒ бҳӘбӯҚбҳ°бҳҘбҳ® бҳүбҳӨбӯҚбҳӨбҳ°бҳҰбҳҫбҳӨбҳҫ-бҳ®бҳ№бҳҫбҳ¬бҳҝбҳҰбӯҚбҳҜбҳҫбҳІбҳҜбҳјбӯҮбҳ° бҳ•бҳҫбҳ®бҳҡбҳІбҳҫ бҳ…бҳ§бӯҚбҳҜбҳҫбҳӘбҳ• бҳӯбҳҫбҳ¬бӯҮбҳ° бҳЁбҳҝбҳҜбӯҒбҳ•бӯҚбҳӨ бҳ•бҳ°бҳҫбҳҜбҳҫбҳҮбҳҘбҳҝбҳІбҳҫ ред бӯҹбӯҮбҳ№бҳӨбӯҒ бҳ®бҳ№бҳҫбҳ¬бҳҝбҳҰбӯҚбҳҜбҳҫбҳІбҳҜбҳј бҳЁбҳҝбҳ•бҳҹбҳ°бӯҮбҳ° бҳӨбҳҫбҳҷбӯҚбҳ•бӯҒ бӯҮбҳёбҳ№бҳҝ бҳӘбҳҰбҳ¬бӯҖбҳ°бӯҮбҳ° бҳ°бҳ№бҳҝбҳ¬бҳҫбҳ•бӯҒ бҳ…бҳЁбӯҒбҳ®бҳӨбҳҝ бӯҮбҳҰбҳ¬бҳҫ бҳӘбҳҫбҳҮбҳҒ бҳҶбҳ¬бҳ¶бӯҚбҳҜбҳ• бҳёбҳӮбҳ–бӯҚбҳҜбҳ• бҳӣбҳҫбҳӨбӯҚбҳ° бҳЁбҳҘбҳҝбӯҮбҳІ, бӯҮбҳӨбҳЈбӯҒ бӯҮбҳёбҳ№бҳҝ бҳ®бҳ№бҳҫбҳ¬бҳҝбҳҰбӯҚбҳҜбҳҫбҳІбҳҜбҳј, бҳҶбӯҮбҳ¬бӯҮбҳҰбҳЁбҳ•бҳҫбҳ°бӯҖбҳҷбӯҚбҳ•бӯҒ бҳ…бҳЁбӯҚбҳҜ бӯҮбҳ•бӯҢбҳЈбҳёбҳҝ бҳ®бҳ№бҳҫбҳ¬бҳҝбҳҰбӯҚбҳҜбҳҫбҳІбҳҜбҳјбҳ•бӯҒ бҳёбӯҚбҳҘбҳҫбҳЁбҳҫбҳЁбӯҚбҳӨбҳ° бҳ•бҳ°бҳҝбҳ¬бҳҫбҳ•бӯҒ бҳ¶бҳҝбҳ•бӯҚбҳ·бҳҫ бҳЁбҳҝбҳ°бӯҚбӯҮбҳҰбҳ¶бҳ•бҳҷбӯҚбҳ•бӯҒ бҳ…бҳЁбӯҒбҳ°бӯӢбҳ§ бҳ•бҳ°бҳҝбҳҘбҳҝбҳІбҳҫ ред бҳӨбҳҰбҳЁбӯҒбҳёбҳҫбҳ°бӯҮбҳ° бҳӨбҳҫбҳҷбӯҚбҳ•бӯҒ бҳӨбӯғбҳӨбӯҖбҳҜбҳј бҳӘбӯҚбҳ°бҳӨбҳҝбҳ¬бҳҫбҳҰбӯҖ-бҳ®бҳ№бҳҫбҳ¬бҳҝбҳҰбӯҚбҳҜбҳҫбҳІбҳҜбҳјбҳ•бӯҒ бҳёбӯҚбҳҘбҳҫбҳЁбҳҫбҳЁбӯҚбҳӨбҳ° бҳ•бҳ°бҳҫбҳҜбҳҫбҳҮбҳҘбҳҝбҳІбҳҫ бҳҸбҳ¬бҳӮ бҳ•бҳҫбҳ°бӯҚбҳҜбҳӯбӯҚбҳҜбӯҮбҳ° бӯҮбӯҹбҳҫбҳ—бҳҰбҳҫбҳЁ бҳ•бҳ°бҳҝбҳ¬бҳҫбҳ•бӯҒ бҳЁбҳҝбҳ°бӯҚбӯҮбҳҰбҳ¶ бҳҰбҳҝбҳҶбҳҜбҳҫбҳҮбҳҘбҳҝбҳІбҳҫ ред бӯҮбҳӨбӯҮбҳ¬, бҳ•бҳҫбҳ°бӯҚбҳҜбҳӯбӯҚбҳҜбӯҮбҳ° бӯҮбӯҹбҳҫбҳ—бҳҰбӯҮбҳ¬бҳҫ бҳӘбҳ°бҳҝбҳ¬бҳ°бӯҚбҳӨбӯҚбӯҮбҳӨ бӯҮбҳё бҳңбҳЈбӯҮбҳЈ бҳЁбҳҝбҳҜбҳјбҳ®бҳҝбҳӨ бҳ¶бҳҝбҳ•бӯҚбҳ·бҳ• бҳӯбҳҫбҳ¬бӯҮбҳ° бҳЁбҳҝбҳҜбӯҒбҳ•бӯҚбҳӨбҳҝ бҳӘбҳӨбӯҚбҳ° бҳ®бҳҫбҳ—бҳҝбҳҘбҳҝбӯҮбҳІ бӯҹбҳҫбҳ№бҳҫ бҳӘбӯҚбҳ°бҳӨбӯҚбҳҜбҳҫбҳ–бӯҚбҳҜбҳҫбҳЁ бҳ•бҳ°бҳҫбҳҜбҳҫбҳҮбҳҘбҳҝбҳІбҳҫ ред бӯҮбҳҸбҳ№бҳҫбҳӘбҳ°бӯҮбҳ° бҳҶбӯҮбҳ¬бӯҮбҳҰбҳЁбҳ•бҳҫбҳ°бӯҖ бҳёбӯҚбҳҘбҳҫбҳҜбҳјбӯҖ бҳ¶бҳҝбҳ•бӯҚбҳ·бҳ• бҳӯбҳҫбҳ¬бӯҮбҳ° бҳЁбҳҝбҳҜбӯҒбҳ•бӯҚбҳӨбҳҝ бҳӘбҳҫбҳҮбҳҒ бҳЁбӯҚбҳҜбҳҫбҳҜбҳҫбҳ§бҳҝбҳ•бҳ°бҳЈ бҳЁбҳҝбҳ•бҳҹбҳ°бӯҒ бҳҸбҳ• бҳҶбӯҮбҳҰбҳ¶ бҳӘбӯҚбҳ°бҳҫбҳӘбӯҚбҳӨ бҳ•бҳ°бҳҝбҳҘбҳҝбӯҮбҳІ ред бӯҹбӯҮбҳ№бҳӨбӯҒ бҳҸбҳ№бҳҝ бҳёбҳ®бҳҜбҳјбҳ°бӯҮбҳ° бҳӨбӯғбҳӨбӯҖбҳҜбҳј бҳүбҳӨбӯҚбҳӨбҳ°бҳҰбҳҫбҳӨбҳҫ бҳ®бҳ№бҳҫбҳ¬бҳҝбҳҰбӯҚбҳҜбҳҫбҳІбҳҜбҳј, бҳңбҳЈбӯҮбҳЈ бҳ¬бӯҚбҳҜбҳ•бӯҚбҳӨбҳҝбҳҷбӯҚбҳ•бӯҒ бҳ…бҳ§бӯҚбҳҜбҳҫбҳӘбҳ• бҳӯбҳҫбҳ¬бӯҮбҳ° бҳЁбҳҝбҳҜбӯҒбҳ•бӯҚбҳӨ бӯҮбҳҰбҳҮ бҳёбҳҫбҳ°бҳҝбҳҘбҳҝбӯҮбҳІ бӯҮбҳӨбҳЈбӯҒ**

**ଆବେଦନକାରୀଙ୍କୁ କାର୍ଯ୍ୟରେ ନେବା ସ୍ଥିତିରେ ନଥିଲେ । ଏହାପରେ, ଆବେଦନକାରୀ ଅସଫଳ ଭାବରେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ।**

**ଏହି ନ୍ୟାୟାଳୟରେ କରାଯାଇଥିବା ଆବେଦନରେ ଆବେଦନକାରୀଙ୍କ ପାଇଁ ଏହା ଯୁକ୍ତି କରାଯାଇଥିଲା ଯେ (1) ଯେହେତୁ ସରକାରଙ୍କ ନୀତି ଅନୁଯାୟୀ, ଆବେଦନକାରୀ କାମଚଳା ଅଧ୍ୟାପକ ଭାବରେ ଦୁଇ ବର୍ଷରୁ ଅଧିକ ସେବା ଦେଇଛନ୍ତି, ତେଣୁ ତାଙ୍କୁ ଜଣେ ନିୟମିତ ଅଧ୍ୟାପକ ଭାବରେ ବିବେଚନା କରାଯିବା ଆବଶ୍ୟକ; ପ୍ରଥମ ଉତ୍ତରଦାତା-ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ ନିଯୁକ୍ତ ହେବା ପରେ ସେ ସେହି ମହାବିଦ୍ୟାଳୟରେ ନିୟମିତ ଅଧ୍ୟାପକ ବୋଲି ବିବେଚନା କରାଯିବା ଉଚିତ; (ii) ତାଙ୍କୁ କାର୍ଯ୍ୟରେ ନେବାରୁ ବାଦ ଦେବା ବିଷୟ ବିନା ତଦନ୍ତରେ ବରଖାସ୍ତ ହେବାପରି ଥିଲା ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: ମାମଲାର ପରିସ୍ଥିତିରେ ଆବେଦନକାରୀ ନିଜେ ଅଧ୍ୟାପକ ପଦବୀରେ ତାଙ୍କର ଅଧିକାର ହରାଇବା ପାଇଁ ଦାୟୀ ଥିଲେ । ନିୟମ ଅନୁଯାୟୀ କୌଣସି ପଦବୀରେ ସେ ନିଶ୍ଚିତ ନହେବା ପର୍ଯ୍ୟନ୍ତ, ସେ ନିୟମିତ ଭାବରେ ନିଯୁକ୍ତ ଅଧ୍ୟାପକ ଭାବରେ ମାନ୍ୟତା ଦାବି କରିପାରିବେ ନାହିଁ । ତଦନ୍ତ କରିବାର ପ୍ରଶ୍ନ ଉଠୁନାହିଁ କିମ୍ବା ଯୋଗଦେବାକୁ ଅନୁମତି ଦେବାକୁ ମନା କରିବା ବିଷୟ, ବରଖାସ୍ତ କରିବା ପରି ନୁହେଁ । ତେଣୁ ତାଙ୍କୁ ନିଯୁକ୍ତି ପାଇଁ ବିଚାର କରିବାକୁ ନିର୍ଦ୍ଦେଶ ଦେବା କଷ୍ଟକର ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 8380/1995 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 426/1985 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର 30.8.93 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଭି. ଏମ୍. ତାରକୁଣ୍ଡେ ଏବଂ ସୁଶ୍ରୀ ଏମ୍. କରଞ୍ଜୱାଲା ।

ଉତ୍ତରଦାତାମାନଙ୍କ ପାଇଁ ଏସ୍. ଭି. ଦେଶପାଣ୍ଡେ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆମେ ପକ୍ଷମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ । ଯଦିଓ ଆବେଦନକାରୀଙ୍କୁ ପ୍ରଥମେ ପ୍ରଥମ ଉତ୍ତରଦାତା-ମହାବିଦ୍ୟାଳୟରେ ଅସ୍ଥାୟୀ ଅଧ୍ୟାପକ ଭାବରେ ନିଯୁକ୍ତ କରାଯାଇଥିଲା, ଯେଉଁଥିରେ ଆବେଦନକାରୀଙ୍କୁ ସେହି ପଦବୀରେ ରହିବାକୁ ଅନୁମତି ଦେବା ଆବଶ୍ୟକ ସଂଖ୍ୟକ ଛାତ୍ର ନଥିଲେ, ସେମାନେ ତାଙ୍କୁ ଅନ୍ୟ କୌଣସି ମହାବିଦ୍ୟାଳୟକୁ ସ୍ଥାନାନ୍ତର କରିବାକୁ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିଲେ । ଫଳସ୍ୱରୂପ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ପ୍ରଥମ ଉତ୍ତରଦାତା-ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଚିଠି ଲେଖି ତାଙ୍କୁ ଚାକିରିରୁ ମୁକ୍ତ କରିବା ପାଇଁ କହିଥିଲେ, ଯାହାଦ୍ୱାରା ତାଙ୍କୁ ତୃତୀୟ ଉତ୍ତରଦାତା-ମହାବିଦ୍ୟାଳୟରେ ନିଯୁକ୍ତି ମିଳିପାରିବ ଯେଉଁଠାରେ ଏକ ପଦବୀ ଖାଲି ଥିଲା, ଏବଂ ସେଠାରେ ତାଙ୍କୁ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ, 14, ଜୁଲାଇ 1985 ରେ, ତୃତୀୟ ଉତ୍ତରଦାତା-ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜି ହୋଇଥିଲେ ଏବଂ ଆବେଦନକାରୀଙ୍କୁ ତୁରନ୍ତ ତୃତୀୟ ଉତ୍ତରଦାତା-କଲେଜରେ କର୍ତ୍ତବ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଦୁର୍ଭାଗ୍ୟବଶତଃ, ସେ କାର୍ଯ୍ୟରେ ଯୋଗଦେବା ପରିବର୍ତ୍ତେ ମହାବିଦ୍ୟାଳୟକୁ ଯାଇ ସ୍ଥାୟୀ ଶିକ୍ଷକ ଭାବରେ ନିଯୁକ୍ତି ପତ୍ର ମାଗିଥିଲେ । ଯେହେତୁ ସେମାନେ ନିଯୁକ୍ତି ପତ୍ର ଦେଇନଥିଲେ, ସେ ନ୍ୟାୟାଧିକରଣଙ୍କ ନିକଟକୁ ଯାଇଥିଲେ ଏବଂ ତାଙ୍କୁ ନିୟମିତ ଅଧ୍ୟାପକ ଭାବରେ ନିଯୁକ୍ତି ଦେବା ପାଇଁ ଏକ ଆଦେଶ ପ୍ରାପ୍ତ କରିଥିଲେ । ସେତେବେଳକୁ ଛଅ ମାସର ସମୟ ଅତିବାହିତ ହୋଇସାରିଥିଲା । ତା 'ପରେ ସେ 28, ଜାନୁଆରୀ 1985 ରେ ଏକ ଚିଠି ଲେଖି ତୃତୀୟ ଉତ୍ତରଦାତା, ତାଙ୍କୁ କର୍ତ୍ତବ୍ୟରେ ଫେରାଇ ନେବାକୁ ଅନୁରୋଧ କରିଥିଲେ; ତୃତୀୟ ଉତ୍ତରଦାତାଙ୍କ ଦ୍ୱାରା ଏକ ଟେଲିଗ୍ରାମ ପଠାଯାଇଥିଲା ଯାହା ଆବେଦନକାରୀଙ୍କୁ ସୂଚନା ଦେଇଥିଲା ଯେ ତାଙ୍କୁ କର୍ତ୍ତବ୍ୟରେ ଯୋଗଦେବାକୁ ଆସିବାକୁ ପଡିବ ନାହିଁ । ଏହାପରେ ସେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । C.W.P. ସଂଖ୍ୟା 426/1985 ରେ ଉଚ୍ଚ ନ୍ୟାୟାଳୟ ଏହାର 30, ଅଗଷ୍ଟ 1993 ତାରିଖର ଆଦେଶ ଦ୍ୱାରା ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ ହାଜର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଭି. ଏମ୍. ତାରକୁଣ୍ଡେ ଯୁକ୍ତି ବାଢ଼ିଥିଲେ ଯେ ଯେହେତୁ ସରକାରଙ୍କ ନୀତି ଅନୁଯାୟୀ ଆବେଦନକାରୀ ଅସ୍ଥାୟୀ ସଂରକ୍ଷିତ ଅଧ୍ୟାପକ ଭାବେ ଦୁଇ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଛନ୍ତି, ତେଣୁ ତାଙ୍କୁ ଜଣେ ନିୟମିତ ଅଧ୍ୟାପକ ଭାବେ ବିବେଚନା କରାଯିବା ଆବଶ୍ୟକ ଏବଂ ସେ ପ୍ରଥମ ଉତ୍ତରଦାତା-ମହାବିଦ୍ୟାଳୟରେ ଜଣେ ଅଧ୍ୟାପକ ଭାବେ ନିଯୁକ୍ତ ହୋଇଛନ୍ତି, ତେଣୁ ତାଙ୍କୁ ସେହି ମହାବିଦ୍ୟାଳୟରେ ଜଣେ ନିୟମିତ ଅଧ୍ୟାପକ ଭାବେ ବିବେଚନା କରାଯିବା ଉଚିତ । ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରିବ ନାହିଁ,

କିନ୍ତୁ ନିଯୁକ୍ତ ହୋଇ ତୃତୀୟ-ଉତ୍ତରଦାତାଙ୍କୁ ହଜାର କରିବାକୁ ଯାଇଥିବା ସମୟରେ ତାଙ୍କୁ କର୍ତ୍ତବ୍ୟରେ ନିଆଯାଇନଥିଲା । ତାଙ୍କୁ ଖାଲିରେ ରଖାଯାଇପାରିବ ନାହିଁ ଏବଂ ପ୍ରଥମ ଉତ୍ତରଦାତା-ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ କାର୍ଯ୍ୟ ଜାରି ରଖିବା ପାଇଁ ତାଙ୍କ ନିକଟରେ ବିଧି ସମ୍ମତ ଅଧିକାର ରହିଛି । ତାଙ୍କୁ କର୍ତ୍ତବ୍ୟରେ ଗ୍ରହଣ କରିବାର ଉପେକ୍ଷା ତାଙ୍କ ପଦବୀ ଅଧିକାରରେ ମନମୁଖୀ ଭାବେ ବଞ୍ଚିତ କରିବା ସହିତ ସମାନ, ଯାହା ପାଇଁ ସେ ଯୋଗ୍ୟ, ତେଣୁ ବିନା ତଦନ୍ତରେ ବରଖାସ୍ତ ହେବା ସହିତ ସମାନ।

ପ୍ରଥମ ଏବଂ ଦ୍ୱିତୀୟ ଉତ୍ତରଦାତାଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଶ୍ରୀ ଏସ୍. ଭି. ଦେଶପାଣ୍ଡେ ଯୁକ୍ତି ବାଢ଼ିଥିଲେ ଯେ ଯଦିଓ ପ୍ରଥମେ ଆବେଦନକାରୀଙ୍କୁ ପ୍ରଥମ ଉତ୍ତରଦାତା-ମହାବିଦ୍ୟାଳୟରେ ଅସ୍ଥାୟୀ ଅଧ୍ୟାପକ ଭାବରେ ନିଯୁକ୍ତ କରାଯାଇଥିଲା, ଯେହେତୁ କଲେଜରେ ଇଂରାଜୀ ପଢିବା ପାଇଁ ଆବଶ୍ୟକ ଛାତ୍ର ନଥିଲେ, ସେମାନେ ଆବେଦନକାରୀଙ୍କୁ ଏକ ଉପଯୁକ୍ତ ମହାବିଦ୍ୟାଳୟରେ ସ୍ଥାନ ଦେବା ପାଇଁ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିଲେ । ତଦନୁସାରେ, ତାଙ୍କୁ ପ୍ରଥମ ଉତ୍ତରଦାତା-ମହାବିଦ୍ୟାଳୟରୁ ମୁକ୍ତ କରାଯାଇଥିଲା । ତେଣୁ, ଆବେଦନକାରୀଙ୍କୁ ଏକ ଅବିଦ୍ୟମାନ ପଦବୀକୁ ନେବା କୌଣସି ବାଧ୍ୟବାଧକତା ବହନ କରେ ନାହିଁ ।

ଏହା ଜାଣିବାକୁ ମିଳିଛି ଯେ ଆବେଦନକାରୀଙ୍କୁ କାମଚଳା ଶିକ୍ଷକଙ୍କ ତାଲିକା-1ରେ ରଖାଯାଇଥିଲା ଏବଂ ଯାହାଙ୍କର ନିୟମିତ ନିଯୁକ୍ତି ନିଶ୍ଚିତ ହେବାର ଥିଲା । ଯଦିଓ ତାଙ୍କୁ ପ୍ରଥମେ କାମଚଳା ଭିତ୍ତିରେ ନିଯୁକ୍ତ କରାଯାଇଥିଲା, ତଥାପି କୌଣସି ପଦବୀରେ ତାଙ୍କୁ ନିଶ୍ଚିତ କରିବା ପାଇଁ କୌଣସି ନିଯୁକ୍ତି ଆଦେଶ ଦିଆଯାଇନଥିଲା । ଯେତେବେଳେ ତାଙ୍କୁ ତୃତୀୟ ଉତ୍ତରଦାତା ମହାବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇ ନିଯୁକ୍ତି ଦିଆଯାଇଥିଲା ଏବଂ ତାଙ୍କୁ କର୍ତ୍ତବ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଦୁର୍ଭାଗ୍ୟବଶତଃ, ନିଯୁକ୍ତି ପାଇଁ ହଜାର କରିବା ପରିବର୍ତ୍ତେ, ସେ ନିୟମିତ ଅଧ୍ୟାପକ ଭାବରେ ତାଙ୍କ ନିଯୁକ୍ତି ପତ୍ର ପାଇଁ ଜିଦ୍ ଧରିଥିଲେ ଯାହା ଯଥାର୍ଥ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଫଳସ୍ୱରୂପ, ସେ ନ୍ୟାୟାଧିକାରଣ ନିକଟକୁ ଯାଇଥିଲେ ଏବଂ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଧରି ଫେରି ଆସିଲେ, ମାତ୍ର ସେତେବେଳକୁ ସେହି ମହାବିଦ୍ୟାଳୟରେ ଜଣେ ଅଧ୍ୟାପକ ନିଯୁକ୍ତି ପାଇସାରିଛନ୍ତି । ଏହି ପରିସ୍ଥିତିରେ, ତୃତୀୟ ଉତ୍ତରଦାତା-ମହାବିଦ୍ୟାଳୟ ତାଙ୍କୁ କାର୍ଯ୍ୟରେ ନେବା ସ୍ଥିତିରେ ନଥିଲେ ।

ତଦନୁସାରେ, ଆବେଦନକାରୀ ନିଜେ ଅଧ୍ୟାପକ ପଦବୀରେ ନିଜର ଅଧିକାର ହରାଇବା ପାଇଁ ଦାୟୀ । ନିୟମ ଅନୁଯାୟୀ କୌଣସି ପଦବୀରେ ସେ ନିଶ୍ଚିତ ନହେବା ପର୍ଯ୍ୟନ୍ତ, ସେ ନିୟମିତ

ଭାବରେ ନିଯୁକ୍ତ ଅଧ୍ୟାପକ ମାନ୍ୟତା ଦାବି କରିବା କରିପାରିବେ ନାହିଁ । ତଦନ୍ତ କରିବାର ପ୍ରଶ୍ନ ଉଠୁନାହିଁ କିମ୍ବା ଯୋଗଦେବାକୁ ଅନୁମତି ଦେବାକୁ ମନା କରିବା ବିଷୟ ବରଖାସ୍ତ କରିବା ପରି ନୁହେଁ । ଏଭଳି ପରିସ୍ଥିତିରେ ତାଙ୍କୁ ନିଯୁକ୍ତି ପାଇଁ ବିଚାର କରିବାକୁ ନିର୍ଦ୍ଦେଶ ଦେବା କଷ୍ଟକର ହେବ ।

ତଦନୁସାରେ ଆବେଦନକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ରହିବ ନାହିଁ ।

ଟି. ଏନ୍. ଏ. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।